# भाषाकलिका

## प्रथमो भागः

## षष्ठश्रेणी

## संस्कृतपाठ्यपुस्तकम्

शिक्षा - अधिकारः

सर्वशिक्षा - अभियानम्

सर्वे पठन्तु, समृद्धाः सन्तु


शिक्षक-शिक्षा-निर्देशालयः
राज्य- शिक्षा - गवेषणा - प्रशिक्षण - परिषत्,
ओड़िशा, भुवनेश्वरम्

ओड़िशा - प्राथमिक - शिक्षा -
कार्यक्रम - प्राधिकरणम्,
भुवनेश्वरम्

# भाषाकलिका (प्रथम भाग)

षष्ठ श्रेणी - संस्कृतपाठयपुस्तकम्

**लेखकमण्डली :**

प्रो. गोपालकृष्ण दाशः

पण्डित नृसिंह चरण पण्डा

ड. गौतम महारणा

ड. विपिनविहारी शतपथी

**समीक्षक :**

ड.विपिनविहारी शतपथी

**संयोजना :**

ड.प्रीतिलता जेना

ड.तिलोत्तमा सेनापति

प्रकाशकः

विद्यालय - गणशिक्षा - विभागः,

ओड़िशा सर्वकारः

संस्करणम् - २०१०,
२०१६

मुद्रणम्:

पाठ्य - पुस्तक - उत्पादन - बिक्रयः भुवनेश्वरम्

प्रस्तुति -

शिक्षक - शिक्षा - निर्देशालयः

राज्य - शिक्षा - गवेषणा - प्रशिक्षणम् परिषत्,

ओड़िशा, भुवनेश्वरम्

# ଭୂମିକା

ସଂସ୍କୃତ ବିଶ୍ୱର ସର୍ବପ୍ରାଚୀନ ଭାଷା । ବୈଦିକଯୁଗରୁ ଆଧୁନିକକାଳ ପର୍ଯ୍ୟନ୍ତ ସଂସ୍କୃତଧାରା ନିରନ୍ତର ଗତିରେ ପ୍ରବାହିତ । ଜ୍ଞାନ-ବିଜ୍ଞାନ ବିଷୟକ ବହୁଗ୍ରନ୍ଥ ସଂସ୍କୃତରେ ରଚିତ ଓ ପ୍ରକାଶିତ । ''ସର୍ବଜନହିତାୟ'' ଏହି ଭାଷା ଉଦ୍ଦିଷ୍ଟ । ସଂସ୍କୃତ ହିଁ ମାନବିକ ମୂଲ୍ୟବୋଧ, ବୈଜ୍ଞାନିକ, ନୈତିକ ଓ ଆଧୁନିକ ତତ୍ତ୍ୱରାଶିର ଭଣ୍ଡାର । ଭାରତୀୟ ସଂସ୍କୃତି, ସଭ୍ୟତା, ଇତିହାସ, ଧର୍ମ, ଦର୍ଶନ, ଭୂଗୋଳ, ରାଜନୀତି, ପ୍ରବନ୍ଧନ ବିଦ୍ୟା, ଅର୍ଥନୀତି ଓ ବିଜ୍ଞାନର ଉପାଦାନ ସଂସ୍କୃତରେ ନିହିତ । ''ବସୁଧୈବ କୁଟୁମ୍ବକମ୍' ଭାବନାଦ୍ୱାରା ବିଶ୍ୱାୟନ ପ୍ରଚାରିତ । ବର୍ତ୍ତମାନ ଶିକ୍ଷାପଦ୍ଧତିରେ ସଂସ୍କୃତ ଭାଷାଜ୍ଞାନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ।

ବିଶ୍ୱବିଦ୍ୟାଳୟସ୍ତରରେ ରାଷ୍ଟ୍ରିୟ ପାଠ୍ୟଚର୍ଯ୍ୟା ରୂପରେଖା- ୨୦୦୫ ଅନୁସାରେ ପ୍ରବର୍ତ୍ତିତ ପାଠ୍ୟକ୍ରମ ଅନୁସାରେ ରାଜ୍ୟ ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ତତ୍ତ୍ୱାବଧାନରେ ସଂସ୍କୃତରେ ନବୀନ ପାଠ୍ୟପୁସ୍ତକ ନିର୍ମାଣର ଯୋଜନା କରାଯାଇଛି । ସର୍ବଶିକ୍ଷା ଅଭିଯାନ ଅନ୍ତର୍ଗତ କାର୍ଯ୍ୟକ୍ରମ ଅନୁସାରେ ପାଠ୍ୟ ପୁସ୍ତକ ରଚନା କରାଯାଇଛି। ନବୀନ ପାଠ୍ୟପୁସ୍ତକ ଶୃଙ୍ଖଳାରେ ''ଭାଷାକଳିକା – ପ୍ରଥମୋଭାଗଃ'' ଷଷ୍ଠଶ୍ରେଣୀ ପାଇଁ ରଚିତ। ନୈତିକ ଓ ଶିକ୍ଷଣୀୟ ମୂଲ୍ୟବୋଧ ମୂଳକ ରଚନା ଏଥିରେ ସନ୍ନିବେଶିତ । ବର୍ଣ୍ଣମାଳା, ଶବ୍ଦ ରଚନା, ମୌଖିକପାଠ ଓ ସର୍ଜନାତ୍ମକ ପ୍ରବୃତ୍ତି ଉତ୍ପାଦନ ଆଦି ବିବିଧ ପ୍ରକ୍ରିୟା ଏଥିରେ ପ୍ରଦର୍ଶିତ । ଛାତ୍ରଙ୍କର ଅଭିରୁଚି ଉତ୍ପାଦନ ଏକମାତ୍ର ଲକ୍ଷ୍ୟ । ତାହା ଦୃଷ୍ଟିରେ ରଖି ପାଠ୍ୟପୁସ୍ତକ ଶୃଙ୍ଖଳାର ପ୍ରଥମ ପ୍ରକାଶ **'ଭାଷାକଳିକା - ପ୍ରଥମୋ ଭାଗଃ'** କୋମଳମତି ଛାତ୍ରଙ୍କ ପାଇଁ ପ୍ରସ୍ତୁତ । ଶିକ୍ଷକ-ଛାତ୍ରଙ୍କର ଅନ୍ତଃକ୍ରିୟା ଓ ପ୍ରଶ୍ନୋତ୍ତର ମାଧ୍ୟମରେ ସଂସ୍କୃତ ପ୍ରତି ଅଭିରୁଚି ସୃଷ୍ଟି କରାଯିବା ସହ ସଂସ୍କୃତକୁ ଲୋକପ୍ରିୟ କରାଯାଇପାରିବ ବୋଲି ଆଶା । ଗାନ ମାଧ୍ୟମରେ ପଦ୍ୟ ଭାଗକୁ ରୁଚିକର କରାଯାଇ ପାରିବ । ଗାନ ସହ ଅଭିନୟ ପ୍ରକାର ମଧ୍ୟ ସଂଯୋଜିତ କରାଯିବ । ଛାତ୍ରର ଚିନ୍ତନ ଓ ଉଦ୍ଭାବନ ଶକ୍ତିକୁ କ୍ରିୟାଶୀଳ କରିବା ପାଇଁ ଶିକ୍ଷକଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପାଠ୍ୟପୁସ୍ତକ କେବଳ

ସଙ୍କେତ ବହନ କରେ । ଶିକ୍ଷକ ଓ ଛାତ୍ରଙ୍କର ପାରସ୍ପରିକ ଅନ୍ତଃକ୍ରିୟାରେ ଏହା କ୍ରିୟାନ୍ୱିତ ହୋଇ ପାରିବ ବୋଲି ବିଶ୍ୱାସ । ପାଠ୍ୟ ସାମଗ୍ରୀକୁ ଚିତ୍ରମାଧ୍ୟମରେ ରୋଚକ କରିବାର ପ୍ରୟାସ କରାଯାଇଛି ।

**'ଭାଷା କଳିକା - ପ୍ରଥମୋ ଭାଗଃ'** ରେ ନିମ୍ନଲିଖିତ ବିନ୍ଦୁପ୍ରତି ଧ୍ୟାନ ପ୍ରଦତ୍ତ ।

* ସଂସ୍କୃତ ବର୍ଣ୍ଣ, ଶବ୍ଦ ଓ ବାକ୍ୟର ଶୁଦ୍ଧ ଉଚ୍ଚାରଣ
* ପ୍ରଶ୍ନୋତ୍ତର ମାଧ୍ୟମରେ ବୁଦ୍ଧିର ବିକାଶ
* ଭାଷିକ ତତ୍ତ୍ୱ (ଶ୍ରବଣ, ବାଚନ, ପଠନ ଓ ଲିଖନ)ର ପ୍ରୟୋଗ କ୍ଷମତା
* ନୈତିକ ମୂଲ୍ୟଭିତ୍ତିକ ସଂସ୍କୃତପଦ୍ୟର ପରିଚୟ
* ସଂସ୍କୃତରେ ବାର୍ତ୍ତାଳାପ କରିବାର ସାମାନ୍ୟ ପରିଚୟ
* ସଂସ୍କୃତ ଶବ୍ଦର ଶୁଦ୍ଧରୂପସହ ସାମାନ୍ୟ ପରିଚୟ
* ରୋଚକ ଚିତ୍ର ମାଧ୍ୟମରେ ରୁଚି ଉତ୍ପାଦନ ଓ ଭାଷା ଜ୍ଞାନ
* ରୋଚକ ଓ ଜ୍ଞାନବର୍ଦ୍ଧକ ଅଭ୍ୟାସ
* ପ୍ରକଳ୍ପ ନିର୍ମାଣ ପ୍ରସ୍ତୁତିର ଦକ୍ଷତା ବୃଦ୍ଧି
* ମୌଖିକ ଅଭ୍ୟାସ

ଶିକ୍ଷକଙ୍କର ଭୂମିକା -

ପାଠ୍ୟପୁସ୍ତକ ବିଜ୍ଞାନସମ୍ମତ ଓ ସୁରୁଚିପୂର୍ଣ୍ଣ ହୋଇଥିଲେ ହେଁ ଅଧ୍ୟାପନ କାର୍ଯ୍ୟରେ ଶିକ୍ଷକଙ୍କର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ନବୀନ ପଦ୍ଧତିରେ ପାଠ୍ୟପୁସ୍ତକ ରଚିତ, କିନ୍ତୁ ଏହାର କ୍ରିୟାନ୍ୱୟ ଶିକ୍ଷକଙ୍କ ଉପରେ ନିର୍ଭର କରେ । ସେମାନେ ସ୍ୱ ସ୍ୱ କୌଶଳ ମାଧ୍ୟମରେ ଛାତ୍ରଙ୍କର ରୁଚି ବଢାଇବାରେ ସହାୟକ । ଭାଷିକତତ୍ତ୍ୱର ପ୍ରାୟୋଗିକ ଅଭ୍ୟାସ ଶିକ୍ଷକଙ୍କର କୁଶଳ ଅଧ୍ୟାପନା ଶୈଳୀ ଉପରେ ଆଶ୍ରିତ । ଦୃଶ୍ୟ-ଶ୍ରବ୍ୟ-ଯାନ୍ତ୍ରିକ ସାମଗ୍ରୀ ସହାୟତାରେ ଚିତ୍ର-ଗାନ-ପାଠ ମାଧ୍ୟମରେ ଅଭିନୟ ସଂବାଦ ପରକ କୌଶଳ ଅବଲମ୍ବନ କରି ସଂସ୍କୃତ ଅଧ୍ୟୟନକୁ ରୋଚକ, ସରଳ ଓ ଲୋକପ୍ରିୟ କରିବା ପାଇଁ ଅନୁଭବୀ ଶିକ୍ଷକଙ୍କର ପ୍ରୟାସ ଅତ୍ୟନ୍ତ ଉପଯୋଗୀ ।

ସେମାନଙ୍କର ସୁଚିନ୍ତିତ ପରାମର୍ଶକୁ ଆମେ ସ୍ୱାଗତ କରିବୁ ।

॥ ଇତି ॥

**ଲେଖକମଣ୍ଡଳୀ**

## SYLLABUS OF SANSKRIT (UPPER PRIMARY LEVEL)

### 1. INTRODUCTION ABOUT THE SUBJECT :

ସଂସ୍କୃତ ସମଗ୍ର ବିଶ୍ୱର ସର୍ବପ୍ରାଚୀନ ଭାଷା । ବୈଦିକଯୁଗରୁ ଆଧୁନିକ କାଳ ପର୍ଯ୍ୟନ୍ତ ସଂସ୍କୃତଧାରା ଅବାଧ ଗତିରେ ପ୍ରବାହିତ । ଜ୍ଞାନ ବିଜ୍ଞାନ ବିଷୟକ ବହୁ ଗ୍ରନ୍ଥ ସଂସ୍କୃତଭାଷାରେ ଦେଖିବାକୁ ମିଳେ । ଅନ୍ୟଭାଷା ଶିକ୍ଷା କରିବାପାଇଁ ସଂସ୍କୃତ ଭାଷା ସହାୟିକା ହୁଏ । ସଂସ୍କୃତ ଭାଷା ଅଧ୍ୟୟନ ଭାରତକୁ ଏକତା ସୂତ୍ରରେ ବାନ୍ଧିବାକୁ ସମର୍ଥ ହୋଇଥାଏ । ଭାରତ ସଂବିଧାନର ଅଷ୍ଟମ ଅନୁଚ୍ଛେଦ ଅନୁଯାୟୀ ସଂସ୍କୃତ ଭାଷାକୁ ଆଧୁନିକ ଭାରତୀୟ ଭାଷାର (MIL) ମାନ୍ୟତା ପ୍ରଦାନ କରାଯାଇଛି । ଏହି ଭାଷା ଦ୍ୱାରା ଭାରତୀୟ ସଭ୍ୟତା, ସଂସ୍କୃତି, ଧର୍ମ, ଦର୍ଶନ, ପୁରାଣ, ଇତିହାସ, ଭୂଗୋଳ, ରାଜନୀତି, ଅର୍ଥନୀତି, ପ୍ରବନ୍ଧନ ବିଦ୍ୟା ଓ ବିଜ୍ଞାନ ସମ୍ବନ୍ଧରେ ସମ୍ୟକ୍ ଜ୍ଞାନ ଲାଭ ହୋଇଥାଏ । ମାନବୀୟ ମୂଲ୍ୟ ଓ ବିଶ୍ୱବନ୍ଧୁତ୍ୱର ଭାବ ସଂସ୍କୃତଭାଷା ଦ୍ୱାରା ବିକାଶ ଲାଭ କରିଥାଏ । ଏହି ଦୃଷ୍ଟିକୋଣରୁ ଉଚ୍ଚ ପ୍ରାଥମିକ ସ୍ତରରୁ ମାଧ୍ୟମିକ ସ୍ତର (ଷଷ୍ଠ ଶ୍ରେଣୀରୁ ଦଶମ ଶ୍ରେଣୀ) ପର୍ଯ୍ୟନ୍ତ ସଂସ୍କୃତ ଭାଷା ପଠନ ଓ ପାଠନ ନିମନ୍ତେ ପାଠ୍ୟକ୍ରମ ବିକଶିତ କରାଯାଉଛି ।

### 2. OBJECTIVES (ସାମାନ୍ୟ ଉଦ୍ଦେଶ୍ୟ)

- ଛାତ୍ରଛାତ୍ରୀମାନଙ୍କୁ ନିଜଲିପି ସହିତ ଦେବନାଗରୀ ଲିପିକୁ ପରିଚିତ କରାଇବା ।
- ସଂସ୍କୃତଭାଷାର ପ୍ରାଥମିକ ଜ୍ଞାନ ପ୍ରଦାନ କରିବା ।
- ବୋଧପୂର୍ବକ ଶ୍ରବଣ, କଥନ, ପଠନ ଓ ଲିଖନ କ୍ଷମତା ପ୍ରଦାନ କରିବା ।
- ସଂସ୍କୃତ ଭାଷା ଓ ସାହିତ୍ୟ ପ୍ରତି ରୁଚି ବଢାଇବା ।
- ଛାତ୍ର/ଛାତ୍ରୀମାନଙ୍କର ନୈତିକ, ସାମାଜିକ ଓ ରାଷ୍ଟ୍ରିୟ ମୂଲ୍ୟବୋଧ ବିକାଶ ପାଇଁ ପ୍ରେରଣା ଯୋଗାଇବା ।
- ପରିବେଶ ସଚେତନତା ସୃଷ୍ଟି କରିବା ।
- ମାତୃଭାଷାରେ ଥିବା ସଂସ୍କୃତ ପଦ ମାନଙ୍କ ସହିତ ପରିଚିତ କରାଇବା ।

### ବିଶେଷ ଉଦ୍ଦେଶ୍ୟ

- ସଂସ୍କୃତର ଧ୍ୱନି ଗୁଡିକର ଶୁଦ୍ଧ ଉଚ୍ଚାରଣ କରାଇବାର ଯୋଗ୍ୟତା ଉତ୍ପନ୍ନ କରାଇବା ।

- ସଂସ୍କୃତ ଭାଷାରେ ବିଶେଷ କରି ବ୍ୟାବହାରିକ ଭାଷାରେ ସରଳବାକ୍ୟଗୁଡ଼ିକୁ ବୁଝିବା ଓ କହିବାର କ୍ଷମତା ବଢ଼ାଇବା ।
- ଅର୍ଥବୋଧ ସହିତ ସଂସ୍କୃତ ଗଦ୍ୟାଂଶକୁ ପଠନ କରିବାର କ୍ଷମତା ବିକଶିତ କରିବା ।
- ସଂସ୍କୃତ ଶ୍ଳୋକଗୁଡ଼ିକୁ ମନେ ରଖି ସ୍ୱର ସହିତ ଗାନ କରିବାର ଯୋଗ୍ୟତା ସୃଷ୍ଟି କରିବା ।
- ସଂସ୍କୃତ ଭାଷାରେ ସରଳ ବାକ୍ୟ ରଚନା କରିବାର କ୍ଷମତା ବଢ଼ାଇବା ।
- ସଂସ୍କୃତ ଭାଷା ଓ ସାହିତ୍ୟ ପ୍ରତି ଜିଜ୍ଞାସା ସୃଷ୍ଟି କରିବା ।
- ସଂସ୍କୃତ ଗୀତ / କବିତାର ଲୟବୋଧ ତଥା ଗାନ କରିବାର କ୍ଷମତା ବୃଦ୍ଧି କରିବା ।
- ଶ୍ରବଣ, କଥନ, ପଠନ, ଲେଖନ, ବାଚନ, ଅନୁବାଚନ, ଦୃଶ୍ୟ ଓ ଶ୍ରବ୍ୟ ପଦ୍ଧତି ଦ୍ୱାରା ଯୋଗ୍ୟତା ବୃଦ୍ଧି କରିବା ।

## ୩. କୌଶଳ ପରକ ଯୋଗ୍ୟତା :

### (କ) ଶ୍ରବଣ

- ବିଦ୍ୟାର୍ଥୀ ସଂସ୍କୃତଭାଷାର ବିଶିଷ୍ଟ ଧ୍ୱନି ଗୁଡ଼ିକ ଶ୍ରବଣ କରି ଚିହ୍ନି ପାରିବା । ପ୍ରାତିପଦିକ- ବାଳକ, ଶିକ୍ଷକ, ମୁନି, ସାଧୁ
- ବିସର୍ଗ ଧ୍ୱନି – ବାଳକଃ, ଶିକ୍ଷକଃ, ମୁନିଃ, ସାଧୁଃ
- ର, ରେଫ ତଥା 'ର' ରୁ ସୃଷ୍ଟି ହେଉଥିବା ଶବ୍ଦ ଯଥା – କୃମି, କର୍ମ, କ୍ରମ, ପର୍ବତ ଇତ୍ୟାଦି ।
- ଅନୁନାସିକ ଓ ଅନୁସ୍ୱାର ଧ୍ୱନି – ସଂଗୀତ, ସଂସ୍କାର
- ସଂଯୁକ୍ତାକ୍ଷର – ଦ୍ୟ, ଦ୍ଧ, ଦ୍ଦ, ହ୍ୱ, ହ୍ଣ, ହ୍ନ, କ୍ଷ, ତ୍ର, ଜ୍ଞ, ସ୍ତ, ସ୍ୱ ଇତ୍ୟାଦି ।
- ଉଷ୍ମ ଧ୍ୱନି – ଶ, ଷ, ସ, ହ
- ସଂସ୍କୃତର ସରଳ ବାକ୍ୟଗୁଡ଼ିକ ଶୁଣି ଅର୍ଥ ବୁଝିବା ତଥା ସେଗୁଡ଼ିକର ପ୍ରୟୋଗ କରି ଶିଖିବା ।

### (ଖ) ଭାଷଣ

- ସଂସ୍କୃତ ପଦଗୁଡ଼ିକର ଶୁଦ୍ଧ ଉଚ୍ଚାରଣ କରି ଜାଣିବା ।
- ପାଠ୍ୟ ପୁସ୍ତକରେ ଦିଆଯାଇଥିବା ସୁଭାଷିତମାନଙ୍କୁ କଣ୍ଠସ୍ଥ କରି ଶୁଣାଇ ପାରିବା ।
- ସଂସ୍କୃତରେ ଛୋଟ ଛୋଟ ସରଳ ପ୍ରଶ୍ନର ଉତ୍ତର ଦେଇ ପାରିବା ।

## (ଗ) ପଠନ

- ସରଳ ସଂସ୍କୃତ ଗଦ୍ୟାଂଶର ଶୁଦ୍ଧ ପଠନ କ୍ଷମତା ବୃଦ୍ଧି କରିବା ।
- ପାଠ୍ୟପୁସ୍ତକରେ ଥିବା ସୁଭାଷିତ ଗୁଡିକୁ ଶୁଦ୍ଧ ଭାବରେ ପଢିପାରିବା ।
- ସରଳ ସଂସ୍କୃତ ବାକ୍ୟକୁ ପଢି ଅର୍ଥ ବୁଝିବା ତଥା ତା'ଉପରେ ପ୍ରଶ୍ନଗୁଡିକର ଉତ୍ତର ଦେଇପାରିବା ।

## (ଘ) ଲେଖନ

- ପାଠ୍ୟପୁସ୍ତକରେ ପ୍ରୟୋଗ ହୋଇଥିବା ଶବ୍ଦକୁ ଶୁଦ୍ଧଭାବେ ଲେଖିପାରିବା ।
- ସରଳ ସଂସ୍କୃତ ବାକ୍ୟ ଶୁଣି ଶୁଦ୍ଧଭାବେ ଲେଖିପାରିବା । (ଶ୍ରୁତ ଲେଖନ)

## ୪ . ସଂସ୍କୃତ କଥନ କ୍ଷମତା ବୃଦ୍ଧି

- ସଂସ୍କୃତ ବାକ୍ୟରେ ପ୍ରୟୋଗ ହୋଇଥିବା ନାମ ପଦ (ବିଶେଷ୍ୟ, ସର୍ବନାମ) ସହିତ କ୍ରିୟାପଦର ଉପଯୁକ୍ତ ଅନ୍ୱୟ କରି ଶିଖିବା ।
- ବାକ୍ୟରେ ବିଶେଷ୍ୟ ପଦ ସହିତ ଉପଯୁକ୍ତ ବିଶେଷଣ ପଦର ଅନ୍ୱୟ କରି ଶିଖିବା ।
- ସଂସ୍କୃତରେ କ୍ଷୁଦ୍ର ବାକ୍ୟ ଗଠନ କରି ଶିଖିବା ।
- ସଂସ୍କୃତରେ ସରଳ ପ୍ରଶ୍ନ ପଚାରି ଶିଖିବା ଏବଂ ତା'ର ଉତ୍ତର ପ୍ରଦାନ ଶିକ୍ଷା କରିବା ।



## SANSKRIT - SYLLABUS IN DETAIL FOR CLASS - VI

| Unit | Contents Concept & Sub concept in detail | Suggested Activities | No. of Periods | Suggested Evaluation | Perce-ntage of Marks | Remarks |
|---|---|---|---|---|---|---|
| ୧. | ବର୍ଣ୍ଣ ପରିଚୟ | | | | | |
| | କ) ସ୍ୱରବର୍ଣ୍ଣ | ଚିତ୍ରଆଧାରିତ ବର୍ଣ୍ଣ ଶିକ୍ଷଣ | ୦୬ | କ) ପ୍ରଦତ୍ତ ଚିତ୍ର/ବର୍ଣ୍ଣକୁ ଆଧାରକରି ଶୂନ୍ୟସ୍ଥାନ ପୂରଣ | ୦୫ | |
| | ଖ) ବ୍ୟଞ୍ଜନ ବର୍ଣ୍ଣ | | | ଖ) ଖେଳନା ଉପଯୋଗ | | |
| | ଗ) ଅନୁନାସିକ ବର୍ଣ୍ଣ | | | | | |
| ୨. | ଧ୍ୱନି ପରିଚୟ | | | | | |
| | କ) ପ୍ରାତିପଦିକ | ଚିତ୍ର ଆଧାରିତ | ୦୮ | କ) ଶୂନ୍ୟସ୍ଥାନ ପୂରଣ | | |
| | ଖ) ବିସର୍ଗ | | | ଖ) ଶବ୍ଦ ମେଳନ | ୦୬ | |
| | ଗ) ର, ରେଫ ତଥା 'ର' ରୁ ସୃଷ୍ଟ ଶବ୍ଦ (କୃମି, କର୍ମ, କ୍ରମ, ଇତ୍ୟାଦି) | | | ଗ) ଚିତ୍ର ଆଧାରିତ ପ୍ରଶ୍ନ | | |
| | ଘ) ଅନୁନାସିକ, ଅନୁସ୍ୱାର | | | ଘ) ଶୁଦ୍ଧ ପଦ ଲେଖନ | | |
| | ଙ) ସଂଯୁକ୍ତାକ୍ଷର | | | | | |
| | ଚ) ଉଷ୍ମ ଧ୍ୱନି | | | | | |
| ୩. | ବିଶେଷ୍ୟ | | | | | |
| | କ) 'ଅ'କାରାନ୍ତ ପୁଂଲିଙ୍ଗ – ବାଳକ, ଶିକ୍ଷକ, କୃଷକ ଇତ୍ୟାଦି | ଚିତ୍ର ଆଧାରିତ | ୧୦ | କ) ସ୍ତମ୍ଭମେଳନ | ୦୮ | |
| | ଖ) 'ଆ'କାରାନ୍ତ ସ୍ତ୍ରୀଲିଙ୍ଗ -ଲତା, ବାଳିକା, କବିତା ଇତ୍ୟାଦି | | | ଖ) ଉହ୍ୟ ବର୍ଣ୍ଣ ସଂଯୋଜନ | | |
| | ଗ) 'ଅ'କାରାନ୍ତ ନପୁଂସକ ଲିଙ୍ଗ - ଫଳ, ପତ୍ର, ପୁଷ୍ପ ଇତ୍ୟାଦି | | | ଗ) ବିକ୍ଷିପ୍ତ ବର୍ଣ୍ଣ ମେଳନ | | |
| | | | | ଘ) ଚିତ୍ର ଦେଖି ଶୂନ୍ୟସ୍ଥାନ ପୂରଣ | | |
| ୪. | ବିଶେଷଣ | | | | | |
| | କ) ସଂଖ୍ୟା ୧ ଠାରୁ ୨୦ ପର୍ଯ୍ୟନ୍ତ | ଗୀତ ଓ କ୍ରୀଡା ଆଧାରିତ | ୦୬ | କ) ସଂଖ୍ୟା ଲେଖନ | ୦୬ | |
| | ଖ) ପୂରଣ ବାଚକ ପ୍ରଥମରୁ ଦଶମ | | | ଖ) ଅକ୍ଷରରେ ସଂଖ୍ୟା | | |
| | ଗ) ଗୁଣ ବାଚକ ଅକାରାନ୍ତ, ଆକାରାନ୍ତ | | | ଗ) ସ୍ତମ୍ଭମେଳନ | | |
| | | | | ଘ) ଶୂନ୍ୟସ୍ଥାନ ପୂରଣ | | |

| | | | | | |
|---|---|---|---|---|---|
| ୫. | **ସର୍ବନାମ** | | | | |
| | କ) ଶବ୍ଦ ପରିଚୟ ଓ ପ୍ରୟୋଗ - ଅହମ୍, ବୟମ୍, ମମ, ଅସ୍ମାକମ୍, ସଃ, ତେ, ସା, ତାଃ, ତତ୍, ତାନି, କଃ, କେ, କା, କାଃ, କିମ୍, କାନି, ଏଷଃ, ଏତେ, ଏଷା, ଏତାଃ, ଏତତ୍, ଏତାନି | ସଚିତ୍ର, କ୍ଷୁଦ୍ର ଓ ସରଳ ବାକ୍ୟ ଆଧାରିତ | ୦୬ | କ) ଶୂନ୍ୟସ୍ଥାନ ପୂରଣ<br>ଖ) ଶବ୍ଦ ମେଳନ<br>ଗ) ପ୍ରଶ୍ନୋତ୍ତର ଅଭ୍ୟାସ | ୦୫ |
| ୬. | **କ୍ରିୟା** | | | | |
| | କ) ଲଟ୍ (ବର୍ତ୍ତମାନ)<br>ଖ) ଲୃଟ୍ (ଭବିଷ୍ୟତ୍)<br>} ତିନିପୁରୁଷ ଏକବଚନ ଓ ବହୁବଚନ ପ୍ରୟୋଗ<br>(ପଠ୍, ହସ୍, ଚଲ୍, ଖେଲ୍, ଖାଦ୍ ପା, ଗମ୍, ଦୃଶ୍) | କ) ସରଳ ବାକ୍ୟାଧାରିତ<br>ଖ) କେବଳ ଚିତ୍ରଗତ ପ୍ରୟୋଗ | ୦୮ | କ) ଶୂନ୍ୟସ୍ଥାନ ପୂରଣ<br>ଖ) ବାକ୍ୟ ରଚନା<br>ଗ) ସ୍ତମ୍ଭ ମେଳନ<br>ଘ) ସଂଶୋଧନ | ୦୫ |
| ୭. | **ଅବ୍ୟୟ** | | | | |
| | କ) ଯତ୍ର, ତତ୍ର, କୁତ୍ର, ଅତ୍ର, ସର୍ବତ୍ର, ଅନ୍ୟତ୍ର, ଯଦା, ତଦା, ସଦା, ଏକଦା, ଚ, ସର୍ବଦା, ଅପି, ଅଦ୍ୟ, ଶ୍ୱଃ, ହ୍ୟଃ, ପ୍ରାତଃ, ଦିବା, ସାୟମ୍, ନକ୍ତମ୍, ଅଧୁନା, ଏବ, କୁତଃ | କ) ସରଳ ବାକ୍ୟାଧାରିତ<br>ଖ) କେବଳ ଚିତ୍ରଗତ ପ୍ରୟୋଗ | ୦୪ | କ) ଶୂନ୍ୟସ୍ଥାନ ପୂରଣ<br>ଖ) ପ୍ରଶ୍ନ ନିର୍ମାଣ<br>ଗ) ସ୍ତମ୍ଭ ମେଳନ | ୦୫ |
| ୮. | **ଶ୍ଳୋକ ଗୀତ** | | | | |
| | କ) ନୀତି ଶ୍ଳୋକ<br>ଖ) ବନ୍ଦନା<br>(i) ଈଶ୍ୱର ବନ୍ଦନା<br>(ii) ଦେଶବନ୍ଦନା<br>ଗ) ଆଧୁନିକ ଗୀତ | କ) ସସ୍ୱର ଗାନ<br>ଖ) ଅଭିନୟ ସହିତ ଗାନ<br>ଗ) ଶ୍ଳୋକ ଉଚ୍ଚାରଣ ଓ ଶ୍ଳୋକାନ୍ତ ଅନ୍ତ୍ୟାକ୍ଷର ଆଦି ପ୍ରତିଯୋଗିତା ଆୟୋଜନ | ୧୨ | କ) ଅର୍ଥ ଲେଖନ<br>ଖ) ଶୂନ୍ୟସ୍ଥାନ ପୂରଣ<br>ଗ) ଭବ୍ୟ ଶବ୍ଦ ସଂଯୋଜନ<br>ଘ) ଗାନ | ୧୦ |
| | | ମୋଟ | ୬୦ | | ୫୦ |

ବି.ଦ୍ର: - ଷଷ୍ଠଶ୍ରେଣୀ ପାଇଁ

୫୦ ନମ୍ବର ଲିଖିତ
୫୦ ନମ୍ବର ମୌଖିକ
---------------
ସର୍ବମୋଟ ୧୦୦ ନମ୍ବର ପୂର୍ଣ୍ଣାଙ୍କ

# पाठानुक्रमणिका


| पाठा: | विषया: | पृष्ठाङ्का: |
|---|---|---|
| | वन्दना | १ |
| प्रथम: पाठ: | वर्णपरिचय: | २ |
| द्वितीय: पाठ: | अतिरिक्तवर्णपरिचय: | १८ |
| तृतीय: पाठ: | मात्रापरिचय: | २४ |
| चतुर्थ: पाठ: | मात्रायोग: | २६ |
| पञ्चम: पाठ: | ध्वनिपरिचय: | ३४ |
| षष्ठ: पाठ: | अकारान्तपुंलिङ्ग: | ४८ |
| सप्तम: पाठ: | आकारान्तस्त्रीलिङ्ग | ५१ |
| अष्टम: पाठ: | अकारान्तनपुंसकलिङ्ग: | ५४ |
| नवम: पाठ: | इकारान्तपुंलिङ्ग: | ५७ |
| | उकारान्तपुंलिङ्ग: | ५७ |
| दशम: पाठ: | संख्या | ६२ |
| एकादश: पाठ: | पूरणवाचकशब्दा: | ७० |
| द्वादश: पाठ: | गुणवाचकशब्दा: | ७३ |
| त्रयोदश: पाठ: | सर्वनामप्रयोग: | ७४ |
| चतुर्दश: पाठ: | परिचय: | ८४ |
| पञ्चदश: पाठ: | शरीरस्य अङ्गानि | ८८ |
| षोडश: पाठ: | क्रियापरिचय: | ९० |
| सप्तदश: पाठ: | वचनपरिचय: | ९३ |
| अष्टादश: पाठ: | वर्तमानकाल: | ९६ |
| नवदश: पाठ: | संभाषणम् | १०९ |
| विंश: पाठ: | भविष्यत् काल: | ११२ |
| एकविंश: पाठ: | वासर: | ११७ |
| द्वाविंश: पाठ: | अव्ययप्रयोग: | ११९ |
| त्रयोविंश: पाठ: | रक्ष गोमातरम् | १२१ |
| | लालनगीतम् | १२३ |
| | अहंनमामि | १२५ |
| चतुर्विंश: पाठ: | अक्षरगीतम्, | १२७ |
| | बालका: आयात | १२९ |
| | सुभाषितानि | १३१ |
| | वदतु संस्कृतम् | १३३ |
| | पाठ्य खसडा | १३४ |